GREEN CLIMATE FUND

# ଭାରତୀୟ ଉପକୂଳ ଅଧିବାସୀଙ୍କ ଜଳବାୟୁ ସହନଶୀଳତା ଅଭିବୃଦ୍ଧି

## ଓଡିଶାରେ ECRICC ପ୍ରକଳ୍ପର ଅନ୍ତର୍ଦୃଷ୍ଟି



ସଂଖ୍ୟା ୧ | ଜାନୁୟାରୀ - ଜୁନ୍ ୨୦୨୫





**ଶ୍ରୀ ଗଣେଶ ରାମ ସିଂହଖୁଣ୍ଟିଆ**
ମାନ୍ୟବର ମନ୍ତ୍ରୀ
ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ
ଓଡିଶା ସରକାର

ଓଡ଼ିଶାର ଉପକୂଳ ସମ୍ପ୍ରଦାୟ ଗୁଡ଼ିକର ଜଳବାୟୁ ସ୍ଥିରତାକୁ ବୃଦ୍ଧି କରିବାରେ ପ୍ରଶଂସନୀୟ ଉଦ୍ୟମ ପାଇଁ ମୁଁ ECRICC ସଂସ୍ଥାକୁ ମୋର ହୃଦୟର ସହିତ ଅଭିନନ୍ଦନ ଜଣାଉଛି । ଏହି ପଦକ୍ଷେପକୁ ଆଗକୁ ବଢାଇବାରେ ଗ୍ରୀନ୍ କ୍ଲାଇମେଟ୍ ଫଣ୍ଡ, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ୟୁ.ଏନ୍.ଡି.ପି (UNDP) ଏବଂ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାରଙ୍କ ସହଯୋଗ ପ୍ରୟାସକୁ ମୁଁ ପ୍ରଶଂସା କରୁଛି ।

ଓଡ଼ିଶା ସରକାର ଉପକୂଳ ସମ୍ପ୍ରଦାୟ ଗୁଡ଼ିକର ଜୀବନକୁ ସୁରକ୍ଷା ଦେବା ପାଇଁ ପ୍ରତିବଦ୍ଧ ।

**ଗଣେଶ ରାମ ସିଂହଖୁଣ୍ଟିଆ**

## ଏହି ସଂଖ୍ୟାରେ

ECRICC ପ୍ରକଳ୍ପ- ସଂକ୍ଷିପ୍ତ ଆଲୋକପାତ
ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର
ଜିଲ୍ଲା ସଂକ୍ଷିପ୍ତ ବିବରଣୀ

## ସଂପାଦକୀୟ ମଣ୍ଡଳୀ

ସଂପାଦକ
**ତଜୀନ କୁରେସି**
ଯୋଗାଯୋଗ ସହଯୋଗୀ
ECRICC, SPMU Odisha (UNDP)

ସହ ସଂପାଦକ
**ଭାବନା ମହାନ୍ତି**
ପର୍ଯ୍ୟବେକ୍ଷଣ ଓ ମୂଲ୍ୟାଙ୍କନ ସହଯୋଗୀ
ECRICC, SPMU Odisha (UNDP)



**ଶ୍ରୀ ସତ୍ୟବ୍ରତ ସାହୁ,** ଭା.ପ୍ର.ସେ
ଅତିରିକ୍ତ ମୁଖ୍ୟ ଶାସନ ସଚିବ
ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ, ଓଡିଶା ସରକାର

ECRICCର ପଦକ୍ଷେପ ଉଦଘାଟନୀ ସମାଚାରକୁ ପରିଚିତ କରାଇବା ମୋ ପାଇଁ ଆନନ୍ଦର ବିଷୟ । ମୋର ଅତ୍ୟନ୍ତ ଗର୍ବର ବିଷୟ ଯେ ECRICC ଓଡିଶା ପ୍ରକଳ୍ପ ୨୦୨୫ ଜୁଲାଇରେ ଚେନ୍ନାଇର ସାମୁଦ୍ରିକ ଖାଦ୍ୟ ଏକ୍ସପୋରେ ସରକାରୀ ବର୍ଗରେ ପ୍ରଥମ ପୁରସ୍କାର ଜିତିଛି ।

ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ନିରନ୍ତର ସହଯୋଗ ପାଇଁ ମୁଁ ସମସ୍ତ ଅଂଶୀଦାରମାନଙ୍କୁ ମୋର ଆନ୍ତରିକତାର ସହ କୃତଜ୍ଞତା ଜ୍ଞାପନ କରୁଛି ।

**ସତ୍ୟବ୍ରତ ସାହୁ**



**ଶ୍ରୀ ପ୍ରେମ କୁମାର ଝା,** ଭା.ବ.ସେ
ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ, (ବଣ୍ୟଜନ୍ତୁ) ଏବଂ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ , ଓଡ଼ିଶା ଏବଂ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ
ECRICC ପ୍ରକଳ୍ପ, SPMU ଓଡ଼ିଶା

ଆମର ପ୍ରଥମ ସମାଚାର ପ୍ରକାଶନରେ, ଦଳର ସଫଳତା ପାଇଁ ମୋତେ ବହୁତ ଗର୍ବ ହେଉଛି । ଉପକୂଳ ବଣ ଓ ଜଳାଶୟ ପୁନରୁଦ୍ଧାରରୁ ଶ୍ରୀ ପ୍ରଣାଳୀରେ ଚାଷ, କଙ୍କଡା ଚାଷ ଏବଂ ରଙ୍ଗୀନ ମତ୍ସ୍ୟପାଳନ ପର୍ଯ୍ୟନ୍ତ, ଆମର ପ୍ରୟାସ ସ୍ଥାୟୀ ଜୀବିକାକୁ ସମର୍ଥନ କରୁଛି ।

ମୁଁ ଆମର ରାଜ୍ୟ ଏବଂ ଜିଲ୍ଲା ସଭ୍ୟ, ବୈଷୟିକ ଅଂଶୀଦାର, ସୁବିଧା ପ୍ରଦାନକାରୀ NGO, ଜଳବାୟୁ ଚାମ୍ପିଅନ ଏବଂ ଆମ ଉପରେ ବିଶ୍ୱାସ ରଖିଥିବା ସମ୍ପ୍ରଦାୟ ଗୁଡ଼ିକୁ ମୋର ଗଭୀର କୃତଜ୍ଞତା ଜଣାଉଛି ।

**ପ୍ରେମ କୁମାର ଝା**



# ECRICC ପ୍ରକଳ୍ପ- ସଂକ୍ଷିପ୍ତ ଆଲୋକପାତ

ଭାରତୀୟ ଉପକୂଳ ଅଧିବାସୀଙ୍କ ଜଳବାୟୁ ସହନଶୀଳତା ଅଭିବୃଦ୍ଧି (ECRICC) ପ୍ରକଳ୍ପ ପରିସଂସ୍ଥାର ପୁନରୁଦ୍ଧାର, ଜୀବିକାକୁ ସୁଦୃଢ଼ ଏବଂ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ସମ୍ପ୍ରଦାୟଗୁଡ଼ିକୁ ସଶକ୍ତ କରି ଓଡ଼ିଶାର ଉପକୂଳକୁ ପରିବର୍ତ୍ତନ କରୁଛି ।

ECRICC ହେଉଛି ଗ୍ରୀନ୍ କ୍ଲାଇମେଟ୍ ଫଣ୍ଡ୍ (GCF), ଭାରତ ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାରଙ୍କ ଏବଂ ୟୁ.ଏନ.ଡି.ପି (UNDP) ମଧ୍ୟରେ ଏକ ସହଯୋଗୀ ପଦକ୍ଷେପ ।

# ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ଷେତ୍ର

## ଉପକୂଳ ପରିସଂସ୍ଥା ସ୍ଥିରତା

### ଲୁଣାଜଙ୍ଗଲର ପୁନରୁଦ୍ଧାର

ଭାରତରେ ବିସ୍ତୃତ ଲୁଣାଜଙ୍ଗଲ ରହିଛି ଯାହା ଘୂର୍ଣ୍ଣିଝଡ଼, ଝଡ଼ ଏବଂ ଜୁଆର ତରଙ୍ଗ ବିରୁଦ୍ଧରେ ଏକ ପ୍ରାକୃତିକ ପ୍ରତିବନ୍ଧକ ଭାବରେ କାର୍ଯ୍ୟ କରେ, ଯାହା ଉପକୂଳକୁ ସ୍ଥିରକରି ଏବଂ ମୃତ୍ତିକା କ୍ଷୟକୁ ହ୍ରାସ କରିଥାଏ । ECRICC ପ୍ରକଳ୍ପ ଦ୍ୱାରା ଓଡିଶାର ଉପକୂଳରେ ବ୍ୟାପକ ଲୁଣାଜଙ୍ଗଲର ପୁନରୁଦ୍ଧାର କରାଯାଇଛି ଯାହାଦ୍ୱାରା ମାତ୍ରାଧିକ ଜଳବାୟୁ ବିପର୍ଯ୍ୟର ତୀବ୍ରତା ହ୍ରାସ ପାଇଛି । ଏହି ପଦକ୍ଷେପରେ ଲୁଣାଗଛ ରୋପଣ, ଫିସ୍ ବୋନ୍ ଚାନେଲ ସୃଷ୍ଟି, ମୁହାଣ ଖନନ ଏବଂ ଉପକୂଳ ପରିବେଶକୁ ପୁନରୁଦ୍ଧାର ଏବଂ ସୁଦୃଢ଼ କରିବା ପାଇଁ ଲୁଣାଗଛ ନର୍ସରୀ ସ୍ଥାପନ ଇତ୍ୟାଦି କାର୍ଯକୁ ଅନ୍ତର୍ଭୁକ୍ତ କରାଯାଇଛି ।



## ପ୍ରକଳ୍ପ ଅବଧି

**ଜାନୁଆରୀ ୨୦୧୯ ରୁ ଜୁନ୍ ୨୦୨୭ ପର୍ଯ୍ୟନ୍ତ**

- ୪ଟି ଜିଲ୍ଲା
- ୭ଟି ଭୂଖଣ୍ଡ
- ୧୩ଟି ବ୍ଲକ
- ୧୬୭ଟି ଗ୍ରାମ ପଞ୍ଚାୟତ
- ୯୬୮ଟି ଗ୍ରାମ
- ଲୋକସଂଖ୍ୟା ୯.୧୮ଲକ୍ଷରେ ପହଞ୍ଚିଛି

### ସାମୁଦ୍ରିକ ଘାସ ଏବଂ ଲବଣାକ୍ତ ଆର୍ଦ୍ରଭୂମିର ପୁନରୁଦ୍ଧାର

ଓଡ଼ିଶାରେ ECRICC ପ୍ରକଳ୍ପ ଏକ ଅଭିନବ, ବିଜ୍ଞାନ-ସମ୍ପ୍ରଦାୟ ସହଭାଗୀତା ମଡେଲ ମାଧ୍ୟମରେ ସାମୁଦ୍ରିକ ଘାସ ଏବଂ ଲବଣ ଆର୍ଦ୍ରଭୂମି ପରିସଂସ୍ଥାର ପୁନରୁଦ୍ଧାର ପାଇଁ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । IIT ଭୁବନେଶ୍ୱରର ବୈଷୟିକ ସହାୟତାରେ, ଏହା ଉପକୂଳୀୟ ଜଳ ପ୍ରବାହ ଏବଂ ଗଚ୍ଛିତ ଅଙ୍ଗାରକ ମୂଲ୍ୟାଙ୍କନ ଉପରେ ଉନ୍ନତ ଗବେଷଣାକୁ ସମ୍ପ୍ରଦାୟ-ନେତୃତ୍ୱାଧୀନ ପୁନରୁଦ୍ଧାର ସହ ଏକତ୍ର କରି, ଜୈବ ବିବିଧତା ଏବଂ ନୀଳ ଅଙ୍ଗାରକ ସଂରକ୍ଷଣକୁ ବୃଦ୍ଧି କରିବା ସହିତ ଜଳବାୟୁ ସ୍ଥିରତାକୁ ସୁନିଶ୍ଚିତ କରିଥାଏ ।



### ଜଳାଶୟର ପୁନରୁଦ୍ଧାର

ଜଳ ସଂରକ୍ଷଣକୁ ବୃଦ୍ଧି କରିବା, ମାଟି ସ୍ଥିରତାକୁ ଉନ୍ନତ କରିବା ଏବଂ ସ୍ଥାନୀୟ ଜୈବ ବିବିଧତାକୁ ସୁରକ୍ଷା ଦେବା ପାଇଁ ଜଳାଶୟର ପୁନରୁଦ୍ଧାର ECRICC ପ୍ରକଳ୍ପର ଏକ ପ୍ରମୁଖ ଅଂଶ । ଏଲ.ବି.ସି.ଡ଼ି, ସନ୍‌କେନ୍ ପିଟ୍, ମାଟି ବନ୍ଧ ଏବଂ ସହରୀ ବୃକ୍ଷରୋପଣ ଭଳି ରଣନୈତିକ ହସ୍ତକ୍ଷେପ ମାଧ୍ୟମରେ, ଏହି ପଦକ୍ଷେପ ଅଞ୍ଚଳର ଜଳବାୟୁ ସ୍ଥିରତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରୁଛି ।





## ଜଳବାୟୁ-ଅନୁକୂଳ ଜୀବିକା

### କଙ୍କଡ଼ା ଚାଷ

ECRICC ପ୍ରକଳ୍ପର ତାଲିମ୍ କାର୍ଯ୍ୟକ୍ରମ, ଅତ୍ୟାବଶ୍ୟକ ସମ୍ପଦ ଯୋଗାଣ ଏବଂ ଉନ୍ନତ ବଜାର ସଂଯୋଗ ମାଧ୍ୟମରେ ଉପକୂଳ ସମ୍ପ୍ରଦାୟ ପାଇଁ ଏକ ସ୍ଥାୟୀ ଜୀବିକା ବିକଳ୍ପ ଭାବେ କଙ୍କଡା ଚାଷରେ ବିପ୍ଳବ ଆଣୁଛି । ଏହି ପ୍ରକଳ୍ପ ସ୍ଥାନୀୟ ମତ୍ସ୍ୟଜୀବୀ ସମ୍ପ୍ରଦାୟକୁ ଉଚ୍ଚମାନର ଏବଂ ସୁଲଭ କଙ୍କଡ଼ା । ଯାଆଁଳ ଉତ୍ପାଦନ କରିବା ପାଇଁ ଓଡ଼ିଶାର ପ୍ରଥମ କଙ୍କଡ଼ା ହ୍ୟାଚେରୀ ପ୍ରତିଷ୍ଠା କରିବାକୁ ମଧ୍ୟ ଯୋଜନା କରୁଛି ।

### ରଙ୍ଗୀନ୍ ମତ୍ସ୍ୟଚାଷ

ECRICC ପ୍ରକଳ୍ପ ମଧୁର ଜଳ ରଙ୍ଗୀନ୍ ମାଛଚାଷକୁ ଜଳବାୟୁ ଅନୁକୂଳ ଜୀବିକା ଭାବରେ ଗ୍ରହଣ କରେ, କେନ୍ଦ୍ରୀୟ ମଧୁରଜଳ ଜଳକୃଷି ପ୍ରତିଷ୍ଠାନ (CIFA) ର ବୈଷୟିକ ସହାୟତା ସହିତ ଚାଷୀ ଏବଂ ହିତାଧିକାରୀଙ୍କୁ ସହଯୋଗ କରିଥାନ୍ତି । ହିତାଧିକାରୀମାନଙ୍କୁ ପ୍ରଜାତି ଚୟନ, ପ୍ରଜନନ, ଜଳର ଗୁଣବତ୍ତା ଏବଂ ରୋଗ ନିୟନ୍ତ୍ରଣ, ସ୍ଥାୟୀ ଖୁଆଇବା ବିଧି, ଟାଙ୍କି ଏବଂ ପୋଖରୀ ପରିଚାଳନା ଏବଂ ବଜାର ପ୍ରବେଶ ଉପରେ ସହାୟତା ପ୍ରଦାନ କରାଯାଇଛି ।






### ଧାନଚାଷ ବୃଦ୍ଧିର ପଦ୍ଧତି (SRI)

ଏହି ପ୍ରକଳ୍ପ ଚାଷୀମାନଙ୍କୁ ‘ଶ୍ରୀ’ ପଦ୍ଧତି ଗ୍ରହଣ କରିବାକୁ ପ୍ରୋତ୍ସାହିତ କରିଛି, ଏହା ଏକ ଜଳବାୟୁ- ସ୍ମାର୍ଟ କୃଷି ଯାହା ଏକ ସମୟରେ ଧାନ ଅମଳ ବୃଦ୍ଧି ଏବଂ ଗ୍ରୀନହାଉସ୍ ଗ୍ୟାସ୍ ନିର୍ଗମନକୁ ହ୍ରାସ କରେ । ICAR-ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ ‘ଶ୍ରୀ’ ଚାଷରୁ ଗ୍ରୀନ ହାଉସ ଗ୍ୟାସ ନିର୍ଗମନର ପରିମାଣ ନିର୍ଦ୍ଧାରଣ ସମେତ ପ୍ରମୁଖ ଗବେଷଣାର ନେତୃତ୍ୱ ନେଉଛନ୍ତି । କ୍ଷେତ୍ର ଫଳାଫଳରୁ ଜଣାପଡିଛି ଯେ ‘ଶ୍ରୀ’ ଅଧିକ ଅମଳ, ଜଳ ନିର୍ଭରଶୀଳତା ହ୍ରାସ ଏବଂ ମାଟିର ଉର୍ବରତା ବୃଦ୍ଧି ସମେତ ବହୁବିଧ ଲାଭ ପ୍ରଦାନ କରେ ।



> *“ECRICCରେ, ଆମେ ଜଳବାୟୁ ଅନୁକୂଳ ଜୀବିକା ବିକାଶ କରିବା ସହିତ ଦୁର୍ବଳ ପରିସଂସ୍ଥାକୁ ପୁନରୁଦ୍ଧାର କରିବା ପାଇଁ ପ୍ରତିଶ୍ରୁତିବଦ୍ଧ । ଏହି ପୁରସ୍କାର ଉପକୂଳବର୍ତ୍ତୀ ସମ୍ପ୍ରଦାୟକୁ ଲାଭ ପହଞ୍ଚାଇବାରେ ଆମର ଆଭିମୁଖ୍ୟକୁ ପ୍ରତିପାଦିତ କରେ ।”*
>
> **ସ୍ୱନ୍ଦିତା କର**
> *ରାଜ୍ୟ ପ୍ରକଳ୍ପ ପରିଚାଳକ*
> *ECRICC ଓଡ଼ିଶା*

### ସୁଦୃଢ଼ ଶାସନ ବ୍ୟବସ୍ଥା

ଏହି ପ୍ରକଳ୍ପ ଅଧୀନରେ, ତୃଣମୂଳ ସ୍ତରରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ୭ଟି ଭୂଖଣ୍ଡରେ ୩୦୪ଜଣ ଜଳବାୟୁ ଚାମ୍ପିଅନଙ୍କୁ ତାଲିମ ଦିଆଯାଇଛି । ଏହି ଚାମ୍ପିଅନମାନଙ୍କୁ ନିଜ ଅଞ୍ଚଳ ମଧ୍ୟରୁ ଚୟନ କରାଯାଏ ଏବଂ ସେମାନଙ୍କୁ ଜଳବାୟୁ ଅନୁକୂଳନ, ଜୀବିକା ନିର୍ବାହ ଏବଂ ପରିବେଶର ପୁନରୁଦ୍ଧାର ବିଷୟରେ ତାଲିମ ଦିଆଯାଏ ।

ଏହି ପ୍ରକଳ୍ପ ମହିଳା ନେତୃତ୍ୱାଧୀନ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ବିଭିନ୍ନ କାର୍ଯ୍ୟକଳାପ କାର୍ଯ୍ୟକାରୀ କରିବାରେ ମଧ୍ୟ ସହାୟତା କରେ ।

### ECRICC ସି ଫୁଡ (Seafood) ଭାରତ ଏକ୍ସପୋ ୨୦୨୫ରେ ଶ୍ରେଷ୍ଠ ସଂସ୍ଥାଭାବେ ପୁରସ୍କୃତ




ECRICC ଓଡିଶା, ଚେନ୍ନାଇରେ ଆୟୋଜିତ Seafood Expo Bharat ୨୦୨୫ (SEB-୨୫) ରେ ପ୍ରଥମ ପୁରସ୍କାରରେ ସମ୍ମାନିତ ହେଇଛି । ସାମୁଦ୍ରିକ ଉତ୍ପାଦ ରପ୍ତାନି ବିକାଶ ପ୍ରାଧିକରଣ (MPEDA) ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାରୁ ଏକ ୧୪ଜଣିଆ ପ୍ରତିନିଧି ଦଳ ସାମିଲ ହୋଇଥିଲେ । ଅଧିକାରୀ, ଜଳବାୟୁ ଚାମ୍ପିଅନ ଏବଂ କଙ୍କଡ଼ା ଚାଷୀଙ୍କୁ ନେଇ ଗଠିତ ଏହି ଗୋଷ୍ଠୀ ଜଳବାୟୁ-ପ୍ରତିରୋଧୀ ଜଳକୃଷି ଏବଂ ଅନ୍ତର୍ଭୁକ୍ତ ସମ୍ପ୍ରଦାୟ-ଭିତ୍ତିକ ବିକାଶକୁ ପ୍ରୋତ୍ସାହିତ କରିବାରେ ରାଜ୍ୟର ପ୍ରୟାସ ଉପରେ ଆଲୋକପାତ କରିଥିଲେ ।

## କେନ୍ଦ୍ରାପଡ଼ା

ଓଡ଼ିଶାର କେନ୍ଦ୍ରୀୟ ଉପକୂଳରେ ଅବସ୍ଥିତ କେନ୍ଦ୍ରାପଡ଼ା ଜିଲ୍ଲା ଧାମରା ମୁହାଣଠାରୁ ବତୀଘର ପର୍ଯ୍ୟନ୍ତ ବଙ୍ଗୋପସାଗର ସହ ଦୀର୍ଘ ୪୮ କି.ମି.ଉପକୂଳ ଘେରି ରହିଛି । ଏହି ଅଞ୍ଚଳ ଭିତରକନିକା ଜାତୀୟ ଉଦ୍ୟାନ ପାଇଁ ପରିବେଶ ଗତ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ, ଭାରତର ଦ୍ୱିତୀୟ ବୃହତ୍ତମ ହେନ୍ତାଳ ବଣ ପରିସଂସ୍ଥା, ଯାହା ଏକ ଜୈବ ବିବିଧତା ହଟସ୍ପଟ୍ ଏବଂ ପ୍ରାକୃତିକ ଉପକୂଳ ପ୍ରତିବନ୍ଧକ ଭାବରେ କାର୍ଯ୍ୟ କରେ ।

ଜିଲ୍ଲାଟି ଜଳବାୟୁ ଭୟାବହତାର ସମ୍ମୁଖୀନ ହେଉଛି, ଯେଉଁଥିରେ ବାରମ୍ବାର ଉଚ୍ଚ-ତୀବ୍ରତା ଘୂର୍ଣ୍ଣିବାତ୍ୟା (ଫାଇଲିନ୍, ଫନି ଓ ୟାସ୍) ଇତ୍ୟାଦି ଅନ୍ତର୍ଭୁକ୍ତ, ଯାହାକି ଉପକୂଳବର୍ତ୍ତୀ ଅଧିବାସୀଙ୍କୁ ବ୍ୟାପକ କ୍ଷତି ପହଞ୍ଚାଇଥାଏ । ସମୁଦ୍ର ଜଳସ୍ତର ବୃଦ୍ଧି, ଉପକୂଳ କ୍ଷୟ ଏବଂ ଲୁଣାଜଳ ପ୍ରବେଶକୁ ତ୍ୱରାନ୍ୱିତ କରିଥାଏ, ଯାହା କୃଷି ଉତ୍ପାଦନ ଏବଂ ଭିତରକନିକାର ପରିବେଶକୁ ବିପଦ ରେ ପକାଇଥାଏ ।

ଅଧିକାଂଶ ଜୀବିକା କୃଷି ଏବଂ ମତ୍ସ୍ୟଚାଷ ଉପରେ ନିର୍ଭରଶୀଳ ହୋଇଥିବାରୁ, ପରିସଂସ୍ଥା ଉପରେ ଏହି ନିର୍ଭରଶୀଳତା ଏହି ଅଞ୍ଚଳକୁ ଜଳବାୟୁ ପ୍ରଭାବ ବୃଦ୍ଧି ପାଇଁ ବିଶେଷ ଭାବରେ କ୍ଷତିଗ୍ରସ୍ତ କରିଥାଏ ।

**ଅନ୍ତର୍ଭୁକ୍ତ ହୋଇଥିବା ବ୍ଲକ ଏବଂ ଗ୍ରାମ ପଞ୍ଚାୟତ: ୩ଟି ବ୍ଲକ, ୫୧ଟି ଗ୍ରାମ ପଞ୍ଚାୟତ**

**ହିତାଧିକାରୀଙ୍କ ସଂଖ୍ୟା : ୭୮୧୨**

**ଜଳବାୟୁ ଚାମ୍ପିଅନ: ୧୦୬**

**ଜଡ଼ିତ FNGO: ନେଚର୍ସ କ୍ଲବ୍**

*"ମୁଁ ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନରୁ ଆରମ୍ଭ କରି ସ୍ଥାୟୀ କୃଷି ପର୍ଯ୍ୟନ୍ତ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବଂ ସମାଧାନ ବିଷୟରେ ଆଲୋଚନା କରିବା ପାଇଁ ସମ୍ପ୍ରଦାୟ ବୈଠକ ଆୟୋଜନ କରେ । ଜଳବାୟୁ ପରିବର୍ତ୍ତନର ବାସ୍ତବତାକୁ ଅନୁଭବ କରିଥିବାରୁ, ମୁଁ ବର୍ତ୍ତମାନ ମୋର ସମ୍ପ୍ରଦାୟକୁ ସୂଚନାମୂଳକ ନିଷ୍ପତ୍ତି ନେବାରେ ସାହାଯ୍ୟ କରୁଛି ।"*

**ମମତା ମାଇ**
*ଜଳବାୟୁ ଚାମ୍ପିଅନ*






### ସଫଳ କାହାଣୀ

**କେନ୍ଦ୍ରାପଡାରେ ଶ୍ରୀ ଚାଷ ଆଣୁଛି ନୂଆ ଆଶା**

ଖରନାସି ଗାଁରେ, ଶିକ୍ଷକ ସୁବ୍ରତ କୁମାର ରାଉଳ ପ୍ରଥମେ ECRICC ଓଡ଼ିଶା ପଦକ୍ଷେପ ମାଧ୍ୟମରେ ଜଳବାୟୁ ଅନୁକୂଳ ଜୀବିକା ବିଷୟରେ ଶିକ୍ଷାଲାଭ କରିଥିଲେ । ଜଳବାୟୁ ଚାମ୍ପିଅନ ପ୍ରିୟଦର୍ଶିନୀ ନାଉରୀ ସମୀକ୍ଷାଙ୍କ ମାର୍ଗଦର୍ଶନ ଦ୍ୱାରା ସେ ଧାନଚାଷ 'ଶ୍ରୀ' ପ୍ରଣାଳୀ ଉପରେ ବିସ୍ତୃତ ବୈଷୟିକ ଜ୍ଞାନ ପାଇଥିଲେ, ଯେଉଁଥିରେ ନର୍ସରୀ ବେଡ୍ ପ୍ରସ୍ତୁତି, ବିଜାମୃତ ବିହନ ବିଶୋଧନ ଏବଂ ଏକକ ଚାରା ପ୍ରତିରୋପଣ କୌଶଳ ଇତ୍ୟାଦି ଅନ୍ତର୍ଭୁକ୍ତ ହୋଇଥିଲା ।

ପ୍ରାରମ୍ଭରେ ସନ୍ଦେହୀ ଥିବା ସୁବ୍ରତ, ECRICCର ସହାୟତାରେ କୃତିମାନ 'ଶ୍ରୀ' କ୍ଷେତ୍ର ତିଆରି କରି, ଅଭୂତପୂର୍ବ ସଫଳତା ହାସଲ କଲେ—ଯେଉଁଥିରେ ଉତ୍ପାଦନ ପାରମ୍ପରିକ ଚାଷକୁ ଅଟିକି ଯାଇଥିଲା । ଆଜି ସେ ସମ୍ପ୍ରଦାୟରେ ଦୀର୍ଘସ୍ଥାୟୀ କୃଷିର ପ୍ରତୀକ ହୋଇ, ପ୍ରମାଣ କରୁଛନ୍ତି ଯେ 'ଶ୍ରୀ' ଭଳି ଜଳବାୟୁ-ଅନୁକୂଳନ ପଦ୍ଧତି ସମ୍ପଦ ସୁରକ୍ଷା କରି, ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିପାରେ ।

## ଗଞ୍ଜାମ

ଗଞ୍ଜାମ ଜିଲ୍ଲା ୬୦ କି.ମି ଦୀର୍ଘ ଉପକୂଳରେ ଅବସ୍ଥିତ ଥିବାରୁ ବାରମ୍ବାର ଘୂର୍ଣ୍ଣିବାତ୍ୟା, ଝଡ଼ଲହରୀ ଓ ବନ୍ୟାର ପ୍ରଭାବ ସହିବାକୁ ପଡ଼େ । ଏହାର ଫଳରେ କୂଳକ୍ଷୟ, ସମୁଦ୍ରଜଳସ୍ତର ବୃଦ୍ଧି ଓ ଲୁଣାପାଣି ପ୍ରବେଶ ବଢ଼ି ଯାଇ କୃଷି ଓ ଜୀବିକାକୁ ଗୁରୁତର କ୍ଷତି କରେ । ରାମାୟପାଟଣମ୍ (ବାହୁଡା) ଓ ପୋଦମ୍ପେଟା (ଚିଲିକା) ପରି ଅଞ୍ଚଳଗୁଡ଼ିକ ବିଶେଷ ଭାବରେ ପ୍ରଭାବିତ ହୁଅନ୍ତି । ଅନିୟମିତ ବର୍ଷା ଓ ମରୁଡ଼ି କୃଷିରେ ବିପଦ ସୃଷ୍ଟି କରେ, ତାପମାତ୍ରା ବୃଦ୍ଧି ଘୂର୍ଣ୍ଣିଝଡ଼ର ତୀବ୍ରତାକୁ ଆହୁରି ବଢ଼ାଏ ।

ମତ୍ସ୍ୟଜୀବି ଓ କୃଷକମାନେ ଏହି ପରିବର୍ତ୍ତନରେ ନିରନ୍ତର କ୍ଷତିଗ୍ରସ୍ତ ହୁଅନ୍ତି । ଏହି ପରିସ୍ଥିତିରେ ECRICC ପ୍ରକଳ୍ପ ରଙ୍ଗେଇଲୁଣ୍ଡା, ଚିକିଟି, ଗଞ୍ଜାମ ଓ ଖଲ୍ଲିକୋଟରେ ସ୍ଥିରତା ବୃଦ୍ଧି କରିବାରେ ଉଦ୍ୟମ କରୁଛି ।

**ବ୍ଲକ ଏବଂ ଗ୍ରାମ ପଞ୍ଚାୟତ ଅନ୍ତର୍ଭୁକ୍ତ: ୪ଟି ବ୍ଲକ ଏବଂ ୪୦ଟି ଗ୍ରାମ ପଞ୍ଚାୟତ**

**ହିତାଧିକାରୀଙ୍କ ସଂଖ୍ୟା: ୨୯୮୯**

**ଜଳବାୟୁ ଚାମ୍ପିଅନ: ୪୨ ଜଣ**

**ଜଡ଼ିତ FNGO: ଲିପିକା ଏବଂ ପଲ୍ଲୀଶ୍ରୀ**

*"ଆମେ ଆର୍ଥିକ ଏବଂ ବୈଷୟିକ ସହାୟତା ଉଭୟରୁ ଯଥେଷ୍ଟ ସହଯୋଗ ପାଉଛୁ । ପ୍ରଥମ ଥର ପାଇଁ, ମୁଁ ହ୍ୟାଚେରୀଜନ୍ମିତ କଙ୍କଡ଼ା ଯାଆଁଳି ଚାଷ କରୁଛି ଏବଂ ଭଲ ଅମଳ ହେବ ମୋର ଆତ୍ମବିଶ୍ୱାସ ରହିଛି ।"*

**ଦେବରାଜ ବେହେରା**
*କଙ୍କଡ଼ା ଚାଷୀ*

### ସଫଳ କାହାଣୀ

**ଭାରତୀ ସେଠୀଙ୍କୁ ନୂଆ ପରିଚୟ ଦେଇଛି ECRICC**

ଭାରତୀ ଜଣେ ଶିକ୍ଷକରୁ ଜଳବାୟୁ ଚମ୍ପିୟାନ ହେବା ପର୍ଯ୍ୟନ୍ତ ତାଙ୍କର ଯାତ୍ରାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ଫେବୃଆରୀ ୨୦୨୫ରେ ECRICC ପ୍ରକଳ୍ପରେ ଯୋଗଦାନ କରି ସେ ବୈଜ୍ଞାନିକ ପଦ୍ଧତିରେ କଙ୍କଡ଼ା ଚାଷ ଏବଂ 'ଶ୍ରୀ' ଉପରେ ସ୍ୱତନ୍ତ୍ର ତାଲିମ ନେଇଥିଲେ, ଯାହା ତାଙ୍କୁ ସ୍ଥାନୀୟ ଚାଷୀମାନଙ୍କୁ ମାର୍ଗଦର୍ଶନ କରିବା ପାଇଁ ସଶକ୍ତ କରିଥିଲା ।



ପ୍ରଥମେ ଗ୍ରାମବାସୀଙ୍କ ଆପତ୍ତି ସତ୍ତ୍ୱେ, ନିୟମିତ ସଭା ବସାଇ ସେ ଏକ ଦୃଢ଼ ବିଶ୍ୱାସ ଗଠନ କରିଥିଲେ । ଫଳସ୍ୱରୂପ, ଧୀରେ ଧୀରେ ୧୨ଟି କଙ୍କଡା ଚାଷ ଏକକ ଏବଂ ୨୫ ଜଣ ଏସ୍.ଆର୍.ଆଇ. ଚାଷୀଙ୍କୁ ସଂଗଠିତ କରିପାରିଥିଲେ ।

ଏହି ବର୍ଷ ଜୁଲାଇ ମାସରେ, ସେ ସିଫୁଡ୍ ଏକ୍ସପୋ ଭାରତ ୨୦୨୫ରେ ଓଡ଼ିଶାର ପ୍ରତିନିଧି ଭାବେ ଅଂଶଗ୍ରହଣ କରି ପୁରସ୍କୃତ ହୋଇ, ସେଠାରେ ସେ ତାଙ୍କର ସଫଳତାର କାହାଣୀ ଉପରେ ଆଲୋକପାତ କରିଥିଲେ ।



## ବାଲେଶ୍ୱର

ଉତ୍ତର ଓଡ଼ିଶାର ବାଲେଶ୍ୱର ଜିଲ୍ଲା ବଙ୍ଗୋପସାଗର କୂଳରେ ୩,୮୦୦ ବର୍ଗ କି.ମି ବ୍ୟାପିଛି, ଯାହା ନିମ୍ନଗାମୀ ଉପକୂଳ ସମତଳ ଭୂମି, ବାଲୁକା ବେଳାଭୂମି ଏବଂ ସୁବର୍ଣ୍ଣରେଖା ଏବଂ ବୁଢାବଳଙ୍ଗ ନଦୀର ଉର୍ବର ତ୍ରିକୋଣ-ଭୂମିକୁ ନେଇ ଗଠିତ। ଏହି ଭୌଗୋଳିକ ସ୍ଥିତି ଏହାକୁ ଜଳବାୟୁ ପ୍ରଭାବ ପ୍ରତି ଅତ୍ୟନ୍ତ ଦୁର୍ବଳ କରିଥାଏ।

ବାଲେଶ୍ୱର ଉପକୂଳ ଅଞ୍ଚଳ ଫାଇଲିନ (୨୦୧୩), ଫନି (୨୦୧୯) ଏବଂ ୟାସ (୨୦୨୧) ଭଳି ଘୂର୍ଣ୍ଣିବାତ୍ୟାର ସମ୍ମୁଖୀନ ହୋଇଥିଲା, ଯାହାଦ୍ୱାରା ଭିତ୍ତିଭୂମି ଏବଂ ଜୀବିକାର ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ସମୁଦ୍ର ଜଳସ୍ତର ବୃଦ୍ଧି ଏବଂ ମାନବକୃତ କାର୍ଯ୍ୟକଳାପ ଦ୍ୱାରା ଉପକୂଳ କ୍ଷୟ ବୃଦ୍ଧି ପାଉଛି, ଯାହା ଭୋଗରାଇ ଏବଂ ବାଲିଆପାଳ ବ୍ଲକକୁ ବିପଦର ସମ୍ମୁଖୀନ ହୋଇଥିଲା। ନଦୀ ଏବଂ ଉପକୂଳବର୍ତ୍ତୀ ଅଞ୍ଚଳରେ ବାରମ୍ବାର ବନ୍ୟା ଆସିବା ଯୋଗୁଁ ଏହି ଘନ ଜନବସତି ଜଳବାୟୁ ସମ୍ବେଦନଶୀଳ କୃଷି ଏବଂ ମାଛଧରା ଉପରେ ବହୁଳ ଭାବରେ ନିର୍ଭର କରିଥାନ୍ତି।

ବ୍ଲକ ଏବଂ ଗ୍ରାମ ପଞ୍ଚାୟତ ଅନ୍ତର୍ଭୁକ୍ତ: ୨ଟି ବ୍ଲକ ଏବଂ ୧୫ଟି ଗ୍ରାମ ପଞ୍ଚାୟତ

ହିତାଧିକାରୀଙ୍କ ସଂଖ୍ୟା : ୪୫୬୪

ଜଳବାୟୁ ଚାମ୍ପିଅନ: ୩୭ ଜଣ

ଜଡ଼ିତ FNGO: ବାଲେଶ୍ୱର ସାମାଜିକ ସେବା ସମାଜ

*"ECRICC ଆମ ଜଳବାୟୁ-ଅନୁକୂଳ ସମ୍ପ୍ରଦାୟକୁ ନୂତନ ଆଶା ଦେଇଛି। ଆମେ ଜଳ-ସକ୍ଷମ ଧାନ , କଙ୍କଡା ଚାଷ ଓ ମାଛଚାଷ କରୁଛୁ। ଲୁଣା ଜଙ୍ଗଲ ଆମକୁ ଝଡରୁ ରକ୍ଷା କରେ। ଏକ ଜଳବାୟୁ ଚାମ୍ପିଅନ୍ ଭାବରେ, ମୁଁ ଏହି ପରିବର୍ତ୍ତନକୁ ଏକ ସ୍ଥାୟୀ ଭବିଷ୍ୟତ ଆଡ଼କୁ ମାର୍ଗଦର୍ଶନ କରିବାରେ ଗର୍ବିତ।"*

***କାଞ୍ଚନ ବାଳା***
*ଜଳବାୟୁ ଚାମ୍ପିଅନ୍, ଭୋଗରାଇ ବ୍ଲକ, ବାଲେଶ୍ୱର*



### ସଫଳ କାହାଣୀ

**ବସନ୍ତ ମଙ୍ଗଳଙ୍କ ଜୀବନରେ ନୂଆ ମୋଡ଼ ଆଣିଲା କଙ୍କଡ଼ା ଚାଷ**

କୀର୍ତ୍ତନିଆ ଗାଁରେ, ବ୍ୟାପକ ଚିଙ୍ଗୁଡ଼ି ଚାଷ ଉପକୂଳବର୍ତ୍ତୀ ପରିସଂସ୍ଥାକୁ ନଷ୍ଟ କରିଦେଇଥିଲା। ଗାଁରେ ରହୁଥିବା ଜଣେ ଚାଷୀ ବସନ୍ତ କୁମାର ମଙ୍ଗଳ ECRICC ପଦକ୍ଷେପ ମାଧ୍ୟମରେ କାଦୁଆ କଙ୍କଡ଼ା ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ତାଙ୍କୁ ବିଶେଷଜ୍ଞ, ଜଳବାୟୁ ଚାମ୍ପିଅନ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ସହାୟତାରେ ତାଙ୍କୁ ପୋଖରୀ ପ୍ରସ୍ତୁତି, ଜଳର ଗୁଣବତ୍ତା ପରିଚାଳନା ଏବଂ ଖାଦ୍ୟ ସୂଚୀ ଉପରେ ଜ୍ଞାନକୌଶଳ ଦିଆଯାଇଥିଲା।

ଏହି ପଦକ୍ଷେପ ଏକ ପରିବର୍ତ୍ତନକାରୀ ସଫଳ ଆଣିଥିଲା ଏବଂ ତାଙ୍କ କଙ୍କଡ଼ା ଫାର୍ମ ଅଧିକ ଲାଭବାନ୍ ହେଲା, ଯାହା ଫଳରେ ସେ ତାଙ୍କ ପିଲାମାନଙ୍କ ଶିକ୍ଷାଲାଭ ପାଇଁ ଅଧିକ ଉପାର୍ଜନ କରିପାରିଲେ। ବସନ୍ତ ଏବେ ଜଳବାୟୁ ଅନୁକୂଳ ଜୀବିକା ବିକଳ୍ପର ଚାମ୍ପିଅନ୍ ଏବଂ ଅନ୍ୟମାନଙ୍କୁ ପ୍ରେରଣା ଦେଉଛନ୍ତି।



## ପୁରୀ

ପୁରୀ ବନଖଣ୍ଡର ମୋଟ ୮୦.୯୬୭ ବର୍ଗ କି.ମି (ଏହାର ଭୌଗୋଳିକ କ୍ଷେତ୍ରଫଳର ୪.୫୭%) ଜଙ୍ଗଲ ଅଞ୍ଚଳ, ଯେଉଁଥିରେ ସଂରକ୍ଷିତ, ପ୍ରସ୍ତାବିତ ସଂରକ୍ଷିତ ଏବଂ ଗ୍ରାମ୍ୟ ଜଙ୍ଗଲ ଅନ୍ତର୍ଭୁକ୍ତ। ଏହା ବଙ୍ଗୋପସାଗର, ଦେବୀ ନଦୀ, ରାଜନଗର ବନ୍ୟପ୍ରାଣୀ ବନଖଣ୍ଡ (ପୂର୍ବ), ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଏବଂ ଖୋର୍ଦ୍ଧା ବନ ବିଭାଗ (ପଶ୍ଚିମ), ଏବଂ ନଗର ବନ ବିଭାଗ (ଉତ୍ତର) ଦ୍ୱାରା ଘେରି ରହିଛି।

ସ୍ଥାନୀୟ ଅର୍ଥନୀତି ମୁଖ୍ୟତଃ କୃଷି ଏବଂ ମାଛଧରା ଉପରେ ନିର୍ଭରଶୀଳ, ଅନିୟମିତ ବର୍ଷା, ବାରମ୍ବାର ବନ୍ୟା, ଦୀର୍ଘକାଳୀନ ମରୁଡ଼ି, ମାଟି ଏବଂ ଲୁଣାଜଳ ମାଡିବା ଏବଂ ଉପକୂଳୀୟ ଚାଷ ଜମିର ବାଲିଚର ଯୋଗୁଁ ଉଭୟ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନର ସମ୍ମୁଖୀନ ହେବାକୁ ପଡେ।

ବ୍ଲକ ଏବଂ ଗ୍ରାମ ପଞ୍ଚାୟତ ଅନ୍ତର୍ଭୁକ୍ତ: ୨ଟି ବ୍ଲକ ଏବଂ ୫୯ଟି ଗ୍ରାମ ପଞ୍ଚାୟତ

ହିତାଧିକାରୀଙ୍କ ସଂଖ୍ୟା : ୧୦,୦୭୪

ଜଳବାୟୁ ଚାମ୍ପିଅନ: ୧୦୨ ଜଣ

ଜଡ଼ିତ FNGO: ହୁମାରା ବଚପନ ଟ୍ରଷ୍ଟ (HBT), ମହିଳା ଉନ୍ନତିକରଣ ସମାଜ

*"ECRICC ପ୍ରକଳ୍ପର ସହାୟତାରେ, ଆମର ସ୍ୱୟଂ ସହାୟକ ଗୋଷ୍ଠୀ ଲୁଣା ପାଣିରେ କଙ୍କଡ଼ା ଚାଷ ଆରମ୍ଭ କରିଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କ ପୋଖରୀକୁ ଭଡ଼ା ନେଇ, ଆମେ ଅବ୍ୟବହୃତ ଜମିକୁ ଆୟ ଏବଂ ଆଶାର ଉତ୍ସରେ ପରିଣତ କରିଥିଲୁ। କେବଳ ଗୋଟିଏ ଋତୁରେ, ଆମେ ୧.୬୫ ଲକ୍ଷ ଟଙ୍କା ଲାଭ କରିଛୁ।"*

***ମା ଅଦିନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା***
*ଦେବୀ ମୁହାଣ, ଅସ୍ତରଙ୍ଗର*

### ସଫଳ କାହାଣୀ

**ରାସାୟନିକ କୃଷିଠାରୁ ସ୍ଥାୟୀଚାଷ ପର୍ଯ୍ୟନ୍ତ**

ପୁରୀର ପଣସପଡ଼ା ଗାଁର ଜଣେ ଚାଷୀ ମହାରାଣୀ ସାହୁ ତାଙ୍କ ଅଞ୍ଚଳର ଅଧିକାଂଶ ଚାଷୀଙ୍କ ପରି ଥରେ ରାସାୟନିକ କୃଷି ଉପରେ ନିର୍ଭର କରୁଥିଲେ। ସେ ୨୦୨୪ ରବି ଋତୁରେ ୦.୧ ହେକ୍ଟର ଜମିରେ ଶ୍ରୀ ପ୍ରଣାଳୀ ପରୀକ୍ଷଣ କରିବାକୁ ନିଷ୍ପତ୍ତି ନେଇଥିଲେ। ଫଳାଫଳ ଉତ୍ସାହଜନକ ଥିଲା; ସେ ୧,୨୭୫ କିଲୋଗ୍ରାମ (୧୨.୭୫ କ୍ୱିଣ୍ଟାଲ) ଧାନ ଅମଳ କରିଥିଲେ, ଯାହା ରାସାୟନିକ କୃଷି ଅଧୀନରେ ତାଙ୍କର ପୂର୍ବ ୬୦୦ କିଲୋଗ୍ରାମ ଅମଳକୁ ଦ୍ୱିଗୁଣିତ କରିଥିଲା। ତାଙ୍କର ସଫଳତା ଅନ୍ୟ ଚାଷୀମାନଙ୍କୁ ଶ୍ରୀ ପ୍ରଣାଳୀ ଅନୁସରଣ କରିବାକୁ ପ୍ରେରଣା ଯୋଗାଇଛି।








ECRICC ଓଡ଼ିଶା ଏବଂ IIT-ଭୁବନେଶ୍ୱର, ସାମୁଦ୍ରିକ ଘାସ ଏବଂ ଲବଣ ଆର୍ଦ୍ରଭୂମି ପରିସଂସ୍ଥାର ପୁନରୁଦ୍ଧାର ଏବଂ ସଂରକ୍ଷଣ ପ୍ରୟାସ ଡିଜାଇନ୍ ଏବଂ କାର୍ଯ୍ୟକାରୀ କରିବା ପାଇଁ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛନ୍ତି ।



ସାମୁଦ୍ରିକ ଶୈବାଳ ଚାଷ ଯୋଜନା, କାର୍ଯ୍ୟକାରିତା କରିବା ପାଇଁ SPMU-ECRICC ଏବଂ ବ୍ରହ୍ମକମଳ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।




ଚେନ୍ନାଇରେ ଅନୁଷ୍ଠିତ ସିଫୁଡ ଏକ୍ସପୋ ଭାରତ ୨୦୨୫ରେ ECRICC ଓଡ଼ିଶା ଦଳ, କଙ୍କଡ଼ା ଚାଷ ଭଳି ସ୍ଥିର ଜଳକୃଷି ଅଭ୍ୟାସ ପ୍ରଦର୍ଶନ କରିଛନ୍ତି ।

*ରାଜ୍ୟ ପ୍ରକଳ୍ପ ପରିଚାଳନା ୟୁନିଟ୍*

**GoI -GCF-UNDP- GoO ପ୍ରକଳ୍ପ**

ଭାରତୀୟ ଉପକୂଳ ଅଧିବାସୀଙ୍କ ଜଳବାୟୁ ସହନଶୀଳତା ଅଭିବୃଦ୍ଧି

**ECRICC ପ୍ରକଳ୍ପ କାର୍ଯ୍ୟାଳୟ**

ପ୍ରଶାସନିକ ଭବନ, ପ୍ରଥମ ମହଲା, RPRC କ୍ୟାମ୍ପସ, ଭୁବନେଶ୍ୱର- ୧୫

ଆମର ୱେବସାଇଟ୍ ପରିଦର୍ଶନ କରନ୍ତୁ: www.ecricc.org

ପ୍ରଶ୍ନ ଏବଂ ମତାମତ ପାଇଁ ଆମକୁ ecricc.spmu@ odisha.gov.in ରେ ଲେଖନ୍ତୁ

www.ecricc.org

© କପିରାଇଟ୍ ୨୦୨୫ ECRICC ଓଡ଼ିଶା । ସର୍ବସତ୍ତ୍ୱ ସଂରକ୍ଷିତ ।